## ସଂକ୍ଷେପରେ

### କୁକୁର କାମୁଡ଼ାରେ ନାବାଳିକା ଗୁରୁତର

**ଜଗନ୍ନାଥପ୍ରସାଦ, ୧୩।୯:** ଜଗନ୍ନାଥପ୍ରସାଦ ବ୍ଲକ ତାରସିଂ ଥାନା ଲୁଣ୍ଡୁରୁପଦର ଗ୍ରାମର ଘନ ବେହେରାଙ୍କ ଝିଅ ମାନିନି (୩ ବର୍ଷ) ଗୁରୁବାର ସକାଳ ୮ଟାରେ ଘର ସମ୍ମୁଖରେ ଖେଳୁଥିବା ବେଳେ ଏକ ପାଗଳ କୁକୁର କାମୁଡ଼ାରେ ଗୁରୁତର ହୋଇଛନ୍ତି। ତାଙ୍କୁ ପରିବାର ଲୋକେ ଜଗନ୍ନାଥପ୍ରସାଦ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କ ମୁହଁରୁ ମାଂସ ଛିଡାଇ ନେଇଛି କୁକୁର। ଜଗନ୍ନାଥପ୍ରସାଦ ସ୍ୱାସ୍ଥ୍ୟକେନ୍ଦ୍ରରେ ଡ଼ାକ୍ତର ଅଭାବରୁ ଗୁରୁତର ଅବସ୍ଥାରେ ମାନିନିଙ୍କୁ ଭଞ୍ଜନଗର ମେଡିକାଲରେ ଭର୍ତ୍ତି କରାଯାଇଛି।

### ବାଇକ୍ ଦୁର୍ଘଟଣାରେ ଆହତଙ୍କ ମୃତ୍ୟୁ

**ବେଗୁନିଆପଡ଼ା, ୧୩।୯(ଡି.ଏନ.ଏ.):** ବେଗୁନିଆପଡ଼ା ବ୍ଲକ ପିଡବ୍ଲ୍ୟୁଡି ରାସ୍ତା ବୀରଜଗନ୍ନାଥପୁର ସ୍ୱପ୍ନେଶ୍ୱର ମନ୍ଦିର ନିକଟରେ ସୋମବାର ଅପରାହ୍ଣରେ ଏକ ବାଇକ୍ ଦୁର୍ଘଟଣାରେ ୨ଜଣ ଆହତ ହୋଇଥିଲେ। ବ୍ରହ୍ମପୁର ବଡ଼ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ଖଣ୍ଡିଆନଇ ଗ୍ରାମର ସୁବାସ ଦାସଙ୍କ ମୃତ୍ୟୁ ଘଟିଛି। ସୁବାସ ଦିନମଜୁରିଆ ଭାବେ କାମ ସାରି ଘରକୁ ଫେରୁଥିବା ବେଳେ ମାଗୁରାଣି ଚାଅଁରା ଗ୍ରାମର ଭୀମ ପାତ୍ର ବାଇକ୍ (ନଂ ଓଡି୦୭-୩୨୦୩) ଯୋଗେ ବେଗୁନିଆପଡ଼ାରୁ ଗ୍ରାମକୁ ଫେରୁଥିବାବେଳେ ଦୁର୍ଘଟଣା ଘଟିଥିଲା।

■ ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ସଂଘର ଆନ୍ଦୋଳନ

# ପ୍ରଭାବିତ ହେଉଛି ସ୍ୱାସ୍ଥ୍ୟ ସେବା

**ବ୍ରହ୍ମପୁର ଅଫିସ୍, ୧୩।୯**

ଓଡ଼ିଶା ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ସଂଘ ପକ୍ଷରୁ ଛ' ଦଫା ଦାବି ନେଇ ଗତ ୧୦ତାରିଖରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଡାକରା ଦିଆଯାଇଛି । କର୍ମଚାରୀମାନେ ଭୁବନେଶ୍ୱରରେ ଆନ୍ଦୋଳନ କରୁଛନ୍ତି। ଏପଟେ ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ କାର୍ଯ୍ୟାଳୟ ଏବଂ ଚିକିତ୍ସାଳୟଗୁଡ଼ିକ ବନ୍ଦ ହୋଇଯାଇଛି। ଫଳରେ ସ୍ୱାସ୍ଥ୍ୟସେବା ପ୍ରଭାବିତ ହେବାରେ ଲାଗିଛି । ସରକାର ଦାବି ପୂରଣ ନ କରିବା ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ ଚାଲିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଥିବାରୁ ପରିସ୍ଥିତି ଜଟିଳ ହେବାକୁ ଯାଉଛି । ଖୁବ୍ ଶୀଘ୍ର ସରକାର ଏନେଇ କୌଣସି ନିଷ୍ପତ୍ତି ନ ନେଲେ, ରାଜ୍ୟରେ ସ୍ୱାସ୍ଥ୍ୟ ସେବା ଠପ୍ ହୋଇଯିବାର ଆଶଙ୍କା ସୃଷ୍ଟି ହୋଇଛି ।

ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ ଡାକରାରେ ଗଞ୍ଜାମ ଜିଲାର ପ୍ରାୟ ୧୩୦ କର୍ମଚାରୀ ସାମିଲ ହୋଇଛନ୍ତି । ଗତ ୪ତାରିଖରେ ଏନେଇ ଏକ ବୈଠକ ସ୍ଥାନୀୟ ଆଇଇସି ହଲ୍‌ରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲାର ପ୍ରାୟ ସମସ୍ତ ସ୍ୱାସ୍ଥ୍ୟ ମିଶନ କର୍ମଚାରୀ ଭାଗ ନେଇଥିଲେ। ରାଜ୍ୟ ସଂଘ ନିଷ୍ପତ୍ତି ଅନୁଯାୟୀ ସମସ୍ତେ ବନ୍ଦରେ ସାମିଲ୍ ହେବାକୁ ଘୋଷଣା କରାଯାଇଥିଲା। ନନ୍ ମେଡ଼ିକୋ ପବ୍ଲିକ ହେଲ୍‌ଥ ମ୍ୟାନେଜେରିଆଲ୍ କ୍ୟାଡର୍ ସୃଷ୍ଟି କରି ଚାକିରି ନିୟମିତ କରିବା, ସପ୍ତମ ବେତନ କମିଶନଙ୍କ ସୁପାରିସ ଅନୁଯାୟୀ ସର୍ବନିମ୍ନ ଦରମା ୧୮ହଜାରରୁ ଅଧିକ ସହିତ ସରକାରୀ କର୍ମଚାରୀଙ୍କ ଭଳି ଭତ୍ତା ଓ ଅନ୍ୟାନ୍ୟ ସୁବିଧା, ଦରମା ଅସମାନତା ଦୂର କରିବା, ସମସ୍ତଙ୍କ ପାଇଁ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ବ୍ୟବସ୍ଥା, ପରଫରମାନ୍ସ ଇନ୍‌ସେଣ୍ଟିଭ୍ ଉଚ୍ଛେଦ କରିବା, ଇଏସ୍‌ଆଇ ଏବଂ କ୍ୟାଶ୍‌ଲେସ୍ ହେଲ୍‌ଥ ଇନ୍‌ସ୍ୟୁରାନ୍ସ ପଲିସି ପ୍ରୟୋଗ ଏବଂ ଘର ଭଡ଼ା ସହିତ ଲୟାଲିଟି ବୋନସ୍ ପ୍ରଦାନ ଆଦି ଦାବିଗୁଡ଼ିକ ନେଇ ଏହି ଧର୍ମଘଟ ଚାଲିଛି ।



କର୍ମଚାରୀମାନେ ଆନ୍ଦୋଳନ କରୁଛନ୍ତି।

> ■ ମା', ଶିଶୁଙ୍କୁ ଦିଆଯାଇପାରୁନି ଟିକା
>
> ■ ଜନନୀ ସୁରକ୍ଷା ଯୋଜନାରେ ମିଳୁନି ଟଙ୍କା
>
> ■ ଦରମା ପାଇନାହାନ୍ତି ୩ହଜାର ଆଶାକର୍ମୀ
>
> ■ ହେମୋଗ୍ଲୋବିନପାଥି ରୋଗୀଙ୍କ ପଞ୍ଜୀକରଣ ବନ୍ଦ

କର୍ମଚାରୀଙ୍କ ଅଭିଯୋଗ ହେଲା, ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାର ଭୋଟ୍ ହାତେଇବା ପାଇଁ ଅନେକ ଯୋଜନା ଘୋଷଣା କରୁଛନ୍ତି । ତୃଣମୂଳସ୍ତରରେ ଏଗୁଡ଼ିକୁ କର୍ମଚାରୀମାନେ କାର୍ଯ୍ୟକାରୀ କରୁଛନ୍ତି । ସ୍ୱାସ୍ଥ୍ୟ ଯୋଜନା ପରିଚାଳନା, ସ୍ୱାସ୍ଥ୍ୟ ବିଜ୍ଞାନ ପରିଚାଳନା, ମା' ଓ ଶିଶୁ ସ୍ୱାସ୍ଥ୍ୟ ଓ ଟିକାକରଣ ପରିଚାଳନା, ସ୍ୱାସ୍ଥ୍ୟ କେନ୍ଦ୍ରରେ ଆର୍ଥିକ ପରିଚାଳନା, ପୋଷଣ ଅଭିଯାନ, ଡାକ୍ତରଖାନା ବର୍ଜ୍ୟବସ୍ତୁ ପରିଚାଳନା, ଡାକ୍ତରଖାନା ପରିଚାଳନା, ଗୋଷ୍ଠୀସ୍ତରରେ ଆଶା ଏବଂ ଗାଁ କଲ୍ୟାଣ ସମିତିର ପରିଚାଳନା, ସ୍ୱାସ୍ଥ୍ୟ ସୂଚନା ବିଜ୍ଞାନ ସହ ବିଭିନ୍ନ ସଂକ୍ରାମକ ଏବଂ ଅଣସଂକ୍ରାମକ ରୋଗ ପରିଚାଳନା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରୁଛନ୍ତି । ଦୀର୍ଘ ୧୨ବର୍ଷ ହେଲା ସେମାନେ ଠିକାରେ କାର୍ଯ୍ୟ କରୁଥିଲେ ମଧ୍ୟ ନିୟମିତ କରାଯାଉନାହିଁ। ସେମାନଙ୍କ ଭବିଷ୍ୟତ ପ୍ରତି ବିପଦ ଦେଖାଦେଇଛି । ଏପରିକି ବୀମା ସୁବିଧା କିମ୍ବା କର୍ମଚାରୀ ଭବିଷ୍ୟନିଧି ସୁବିଧା ମଧ୍ୟ ନାହିଁ । ପ୍ରତ୍ୟେକ ୧୧ମାସରେ ଠିକା ଚୁକ୍ତିର ନବୀକରଣ କରାଯାଉଛି । ଯାହାର ପ୍ରତିବାଦରେ କର୍ମଚାରୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ଡାକରା ଦେଇଛନ୍ତି ।

ଅନ୍ୟପଟେ କର୍ମଚାରୀଙ୍କ ଆନ୍ଦୋଳନ ଯୋଗୁ ସ୍ୱାସ୍ଥ୍ୟ ସେବା ଗୁରୁତର ଭାବେ ପ୍ରଭାବିତ ହେବାରେ ଲାଗିଛି । ମା' ଓ ଶିଶୁ ସ୍ୱାସ୍ଥ୍ୟ, ଟିକାକରଣ, ଜନନୀ ସୁରକ୍ଷା ଯୋଜନା, ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଯୋଜନା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ଗାଁ କଲ୍ୟାଣ ସମିତି, ରୋଗୀ କଲ୍ୟାଣ ସମିତି, କୁଷ୍ଠ ନିରାକରଣ ଅଭିଯାନ, ମିଶନ୍ ଇନ୍ଦ୍ରଧନୁଷ, କୃମିନାଶକ ଦିବସ, ମ୍ୟାଲେରିଆ ନିରାକରଣ, ଯକ୍ଷ୍ମା ନିୟନ୍ତ୍ରଣ ଓ ଔଷଧ ବିତରଣ, ନିଦାନ, ନିରାମୟ, ଡାକ୍ତରଖାନା ପରିମଳ ଆଦି କାର୍ଯ୍ୟ ଠପ୍ ହୋଇଯାଇଛି । ଜନନୀ ସୁରକ୍ଷା ଯୋଜନାରେ ପ୍ରସୂତୀଙ୍କୁ ୧୪ଶହ ଟଙ୍କା ଏବଂ ମେଡ଼ିକାଲ୍‌ରୁ ଘରକୁ ଯିବା ପାଇଁ ୫ଶହ ଟଙ୍କା ପ୍ରଦାନ କରାଯାଇଥାଏ । କିନ୍ତୁ କର୍ମଚାରୀଙ୍କ ଆନ୍ଦୋଳନ ଯୋଗୁ ଏହି ଟଙ୍କା ଦିଆଯାଇପାରୁନି । ଏଥି ସହ ଗତ କିଛି ଦିନ ପୂର୍ବେ ରାଜ୍ୟ ସରକାର ହେମୋଗ୍ଲୋବିନପାଥି ଯଥା ରକ୍ତ ଶିକୁଳି, ଥାଲାସେମିଆ ଏବଂ ରକ୍ତହୀନତା ରୋଗୀଙ୍କୁ ମାସିକ ୫ଶହ ଟଙ୍କା ଗସ୍ତ ଖର୍ଚ୍ଚ ପ୍ରଦାନ କରିବାକୁ ଘୋଷଣା କରିଥିଲେ। ଏହାର ଲାଭ ନେବା ପାଇଁ ରୋଗୀମାନଙ୍କ ପଞ୍ଜୀକରଣ ଆବଶ୍ୟକ। କିନ୍ତୁ କର୍ମଚାରୀଙ୍କ ଆନ୍ଦୋଳନ ଯୋଗୁ ପଞ୍ଜୀକରଣ ବନ୍ଦ ହୋଇଯାଇଛି। ଗଞ୍ଜାମ ଜିଲାରେ ୩ହଜାର ଆଶା କର୍ମୀ କାର୍ଯ୍ୟ କରୁଛନ୍ତି । ସେମାନଙ୍କୁ ୧୦ ତାରିଖରେ ଦରମା ପ୍ରଦାନ କରାଯାଇଥାଏ । ହେଲେ କର୍ମଚାରୀଙ୍କ ଆନ୍ଦୋଳନ ଯୋଗୁ ଆଶା କର୍ମୀଙ୍କ ମଧ୍ୟ ଦରମା ଦିଆଯାଇପାରୁନି ।

## ଖଲ୍ଲିକୋଟ ଏନ୍‌ଏସିରେ ଠିକା ସଫେଇ କର୍ମଚାରୀଙ୍କ ଆନ୍ଦୋଳନ

**ଖଲ୍ଲିକୋଟ, ୧୩।୯(ଡି.ଏନ୍.ଏ.)**

ଖଲ୍ଲିକୋଟ ଏନ୍‌ଏସିର ଠିକା ସଫେଇ କର୍ମଚାରୀ ଠିକ ସମୟରେ ପାରିଶ୍ରମିକ ପାଉ ନ ଥିବା ଅଭିଯୋଗ କରି ଗୁରୁବାର ଧାରଣାକୁ ଓହ୍ଲାଇଛନ୍ତି। ଫଳରେ ଖଲ୍ଲିକୋଟ ଟାଉନ ଓ ବାହାରେ କୁଢ କୁଢ ଆବର୍ଜନା ଜମା ହୋଇ ରହିଛି। ଠିକାସଂସ୍ଥା ଠିକ୍‌ରେ ପାରିଶ୍ରମିକ ଦେଉ ନ ଥିବା, ୪୦ଜଣ ବଦଳରେ ୩୫ କର୍ମଚାରୀରେ କାମ କରିବା, କର୍ମଚାରୀଙ୍କୁ ରୁକ୍ଷ ବ୍ୟବହାର କରାଯାଉଥିବା ସଫେଇ କର୍ମଚାରୀମାନେ ଅଭିଯୋଗ କରିଛନ୍ତି। କଣ୍ଟ୍ରାକ୍ଟର ଜଣକ ଜିଲା ବାହାରର ହୋଇଥିବାରୁ ତାଙ୍କ ସହ ଯୋଗାଯୋଗ ହୋଇପାରିନାହିଁ। ଏନ୍‌ଏସି ଉପାଧ୍ୟକ୍ଷ ଚିତ୍ତରଞ୍ଜନ ମାଝି କୁହନ୍ତି, କଣ୍ଟ୍ରାକ୍ଟର ଓ ସୁପରଭାଇଜରଙ୍କ ମଧ୍ୟରେ ବୁଝାମଣା ଅଭାବରୁ ଏପରି ସମସ୍ୟା ହୋଇଛି। କଣ୍ଟ୍ରାକ୍ଟରଙ୍କ ପ୍ରତିନିଧି ପାରିଶ୍ରମିକ ଠିକ୍ ସମୟରେ ଦିଆଯାଏ, ବେଳେବେଳେ ବିଲ୍ ଅଟକିଗଲେ ଦୁଇ ଚାରି ଦିନ ବିଳମ୍ବ ହୁଏ। ନୂତନ ଲୋକଙ୍କୁ ସଫେଇ କର୍ମଚାରୀମାନେ କାମ କରାଇ ଦେଉନାହାନ୍ତି। ସବୁ ୱାର୍ଡରେ ପୂର୍ବବତ୍ ସଫେଇ ହୋଇଛି, କେବଳ ଅଳିଆ ଉଠିନି ବୋଲି କହିଥିଲେ। ଏହାର ଖୁବ୍‌ଶିଘ୍ର ସମାଧାନ କରାଯିବ ବୋଲି ପ୍ରତିନିଧି କହିଥିଲେ।



ବ୍ରହ୍ମପୁର ମହାନଗର ନିଗମ କାର୍ଯ୍ୟାଳୟ।



ମନସ୍କାମନା ପୂରଣ ପାଇଁ ଗଣେଶଙ୍କ ବାହନ ମୂଷାଙ୍କ କାନରେ ଜଣେ ଭକ୍ତ କହୁଛନ୍ତି ।



ଶିଶୁମାନେ ଖଡ଼ି ଛୁଆଁଉଛନ୍ତି ।

ବ୍ଲକଗ୍ରାଣ୍ଟ ଶିକ୍ଷକ, କର୍ମଚାରୀଙ୍କ ଆନ୍ଦୋଳନ

## ପୂଜା ପାଇଲେନି ବିଦ୍ୟାଦାତା

**ବ୍ରହ୍ମପୁର ଅଫିସ୍, ୧୩।୯:** ହିନ୍ଦୁଧର୍ମରେ ୩୩କୋଟି ଦେବଦେବୀଙ୍କୁ ପୂଜା କରାଯାଏ। ଏମାନଙ୍କ ମଧ୍ୟରୁ ଗଣେଶଙ୍କୁ ବିଦ୍ୟାଦାତା କୁହାଯାଏ । ବିଶ୍ୱାସ ରହିଛି, ଗଣେଶଙ୍କୁ ପୂଜା କଲେ ବିଦ୍ୟା ମିଳେ । ସେଥିପାଇଁ ସମସ୍ତ ଶିକ୍ଷାନୁଷ୍ଠାନରେ ପ୍ରତି ବର୍ଷ ଧୁମ୍‌ଧାମ୍‌ରେ ଗଣେଶ ପୂଜା କରାଯାଏ । ଗୁରୁବାର ଥିଲା ଗଣେଶ ପୂଜା । କିନ୍ତୁ ବ୍ଲକ ଗ୍ରାଣ୍ଟ ବିଦ୍ୟାଳୟଗୁଡ଼ିକରେ ଗଣେଶ ପୂଜା ହୋଇପାରିଲା ନାହିଁ । ଗତ ୧୬ ତାରିଖରୁ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ତରଫରୁ ଆନ୍ଦୋଳନ ଚାଲିଛି । ଏହି ଆନ୍ଦୋଳନରେ ପ୍ରାୟତଃ ସମସ୍ତ ବ୍ଲକଗ୍ରାଣ୍ଟ ବିଦ୍ୟାଳୟ ଶିକ୍ଷକ ଏବଂ କର୍ମଚାରୀମାନେ ସାମିଲ୍ ହୋଇଛନ୍ତି । ଭୁବନେଶ୍ୱରରେ ଆନ୍ଦୋଳନ ହେଉଥିବା ଯୋଗୁ ପ୍ରାୟତଃ ସମସ୍ତେ ସେଠାକୁ ଚାଲି ଯାଇଛନ୍ତି । ବ୍ଲକଗ୍ରାଣ୍ଟ ବିଦ୍ୟାଳୟଗୁଡ଼ିକରେ ପାଠ ପଢ଼ା ଠପ୍ ହୋଇଛି। ଏଣୁ ପିଲାମାନେ ମଧ୍ୟ ଆସୁନାହାନ୍ତି । ଆନ୍ଦୋଳନ ଯୋଗୁ ଶିକ୍ଷକ ଏବଂ ଏହାର ପ୍ରଭାବ ଯୋଗୁ ପିଲାମାନେ ବିଦ୍ୟାଳୟକୁ ଯାଉନାହାନ୍ତି । ଏଣୁ ପୂଜା କରିବ କିଏ । ଗତ ୯ ତାରିଖରେ ମଞ୍ଚ ଗଞ୍ଜାମ ଶାଖା ପକ୍ଷରୁ ଏକ ବୈଠକ ସ୍ଥାନୀୟ ଏନ୍‌ଜିଓ ହଲ୍‌ରେ ଅନୁଷ୍ଠିତ ହୋଇଥିଲା । ଗଣେଶ ପୂଜା ବନ୍ଦ ହେଲେ ସରକାର ଦାୟୀ ରହିବେ ବୋଲି କୁହାଯାଇଥିଲା । ଗଞ୍ଜାମ ଜିଲାରେ ୧୮୧ ବ୍ଲକ ଗ୍ରାଣ୍ଟ ବିଦ୍ୟାଳୟ ରହିଛି । ଏଥିରୁ ୫୪ ବିଦ୍ୟାଳୟରେ ଅଷ୍ଟମ, ନବମ ଏବଂ ଦଶମ ଶ୍ରେଣୀ ଥିବା ବେଳେ ବଳକା ବିଦ୍ୟାଳୟଗୁଡ଼ିକରେ କେବଳ ନବମ ଏବଂ ଦଶମ ଶ୍ରେଣୀ ରହିଛି । ତେବେ ଶିକ୍ଷକ ଏବଂ କର୍ମଚାରୀଙ୍କ ଆନ୍ଦୋଳନ ଯୋଗୁ ଅଧିକାଂଶ ବିଦ୍ୟାଳୟରେ ଗଣେଶ ପୂଜା ହୋଇପାରିନାହିଁ। ପ୍ରତ୍ୟେକ ବ୍ଲକ ଗ୍ରାଣ୍ଟ ବିଦ୍ୟାଳୟରେ ୧୨ଜଣ କାର୍ଯ୍ୟ କରନ୍ତି । ଏଥିରେ ୮ଜଣ ଶିକ୍ଷକ ଏବଂ ୪ଜଣ ଅଣଶିକ୍ଷକ ରହିଛନ୍ତି । ପ୍ରତ୍ୟେକ ବିଦ୍ୟାଳୟରୁ ପ୍ରାୟ ୭ରୁ ୧୦ଜଣ ଯାଏ ଭୁବନେଶ୍ୱରକୁ ଯାଇ ଆନ୍ଦୋଳନ କରୁଛନ୍ତି । ଜଣେ କି ଦୁଇଜଣ ମାତ୍ର ବିଦ୍ୟାଳୟକୁ ଆସୁଛନ୍ତି ।

ମିଳିତ ମଞ୍ଚର ଗଞ୍ଜାମ ଜିଲା ଆବାହକ ବିଜୟ ବେହେରାଙ୍କ କହିବାନୁଯାୟୀ, ଦାବି ପୂରଣ ନ ହେବା ଯାଏ ଆନ୍ଦୋଳନ ଚାଲିବ । ୧୪ତାରିଖରୁ ସମସ୍ତ ଶିକ୍ଷକ ଏବଂ କର୍ମଚାରୀ ଭୁବନେଶ୍ୱରକୁ ଯାଇ ଆନ୍ଦୋଳନରେ ସାମିଲ୍ ହେବେ । ଆନ୍ଦୋଳନକୁ ଆହୁରି ତୀବ୍ରତର କରାଯିବ ବୋଲି ସେ ପ୍ରକାଶ କରିଛନ୍ତି । ସୂଚନାଯୋଗ୍ୟ, ଗଞ୍ଜାମ ଜିଲାରେ ବ୍ଲକଗ୍ରାଣ୍ଟ ବିଦ୍ୟାଳୟଗୁଡ଼ିକରେ ୩୧ହଜାର୬୪୯ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି । ସେହିଭଳି ୧୯୪୨ଜଣ ଶିକ୍ଷକ ଏବଂ କର୍ମଚାରୀ ରହିଛନ୍ତି ।




ସ୍କୁଲ ବନ୍ଦ ରହିଛି।

## ଦକ୍ଷିଣାଞ୍ଚଳର ସର୍ବୋଚ୍ଚ ୭୬ ଫୁଟର ଗଣେଶ ମନ୍ଦିର

**ବ୍ରହ୍ମପୁର ଅଫିସ, ୧୩।୯**

ବ୍ରହ୍ମପୁର ହିଲପାଟଣାର ଶ୍ରୀଗଣେଶ ମନ୍ଦିର ଦକ୍ଷିଣାଞ୍ଚଳର ସର୍ବୋଚ୍ଚ ମନ୍ଦିର ଓ ଏହାର ଉଚ୍ଚତା ୭୬ ଫୁଟ । ଦୀର୍ଘବର୍ଷରୁ ପୂଜା ପାଉଛନ୍ତି । ଏହି ମନ୍ଦିର ଏବଂ ବେଢ଼ା ଭିତରେ ରହିଛି ସଙ୍କଟ ମୋଚନ ହନୁମାନ ମନ୍ଦିର। ସବୁବର୍ଷ ଗଣେଶ ଚତୁର୍ଥୀରେ ସିଦ୍ଧ ବିନାୟକଙ୍କ ୩ ଦିନିଆ ପୂଜା ମହୋତ୍ସବ ପାଳନ କରାଯାଉଛି । ଏହାସହ ମହାବିଷୁବ ସଂକ୍ରାନ୍ତିରେ ହନୁମାନ ଜୟନ୍ତୀ ପାଳନ କରାଯାଉଛି । ଉଭୟ ଉତ୍ସବରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେଉଛି ଏବଂ ହୋମଯଜ୍ଞ, ନାମ ସଂକୀର୍ତ୍ତନ, ଭଜନ ସମାରୋହ ଆଦିର ଆୟୋଜନ କରାଯାଉଛି । ଗଞ୍ଜାମ ଜିଲା ସମେତ ପଡ଼ୋଶୀ ଆନ୍ଧ୍ରପ୍ରଦେଶ ସୀମାନ୍ତରୁ ଗଜାନନଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟୁଛି ।

**ହିଲପାଟଣାର ସିଦ୍ଧବିନାୟକ ପୀଠ**




ବୁଧବାରରୁ ଆରମ୍ଭ ହୋଇଛି ୪ ଦିନିଆ ବିନାୟକ ଚତୁର୍ଥୀ ମହୋତ୍ସବ । ସନ୍ଧ୍ୟାରେ ମଣ୍ଡଳ ବିନ୍ୟାସ, ବିଗ୍ରହଙ୍କ ମହାସ୍ନାନ ଓ ପୀଠାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା। ଗୁରୁବାର ମହାବିନାୟକ ଚତୁର୍ଥୀରେ କର୍ମାରମ୍ଭ, ଶାଳାପୂଜା, ମହାପୂଜା, ସଂସ୍କାର, ସହସ୍ରାର୍ଚ୍ଚନ, ଆଳତି ଓ ପୁଷ୍ପାଞ୍ଜଳି ଓ ସନ୍ଧ୍ୟାରେ ୧୦୦୮ ମହାଆଳତି କରାଯିବ । ଗଣେଶ ଚତୁର୍ଥୀ ନିମନ୍ତେ ବ୍ୟାପକ ଆୟୋଜନ କରାଯାଇଛି । ପରିମଳ ସୁରକ୍ଷା ଲାଗି ମହାନଗର ନିଗମ (ବିଏମସି) ଶାନ୍ତି ଶୃଙ୍ଖଳା ନିମନ୍ତେ ପୋଲିସ ଏବଂ ନିରାପତ୍ତା ବ୍ୟବସ୍ଥାରେ ଦମକଳ ବାହିନୀ ପକ୍ଷରୁ ସମସ୍ତ ପଦକ୍ଷେପ ନିଆଯାଇଛି । ମନ୍ଦିର ପରିଚାଳନା କମିଟି ପକ୍ଷରୁ ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। କମିଟି ସଭାପତି ଅଶୋକ କୁମାର ସାହୁ, ସମ୍ପାଦକ ସୁରେନ୍ଦ୍ର ଚୌଧୁରୀ ଓ ସହଯୋଗୀ ବଳରାମ ପଣ୍ଡା ପ୍ରମୁଖ ସମସ୍ତ କାର୍ଯ୍ୟ ତଦାରଖ କରୁଛନ୍ତି । ଶୁକ୍ରବାର ସନ୍ଧ୍ୟାରେ ଭକ୍ତଙ୍କ ମନୋରଞ୍ଜନ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ହୋଇଛି। ଶେଷ ଦିବସ ଶନିବାର ଯଜ୍ଞ ପୂର୍ଣ୍ଣାହୁତି ହେବ ଓ ସନ୍ଧ୍ୟାରେ ଠାକୁରଙ୍କୁ ନଗର ପରିକ୍ରମା କରାଯିବ।

## ୨୫ ଫୁଟ ମୂର୍ତ୍ତି ମୁଖ୍ୟ ଆକର୍ଷଣ

**ବ୍ରହ୍ମପୁର ଅଫିସ, ୧୩।୯**

**ଅଶୋକ ନଗର ଯୁବକ ସଂଘ**

ମହାନଗରରେ ଗଣେଶ ପୂଜା ପାଳିତ ହୋଇଯାଇଛି। ସହରର ବିଭିନ୍ନ ପୂଜା ମଣ୍ଡପ ଓ ଶିକ୍ଷାନୁଷ୍ଠାନରେ ଗଣେଶ ପୂଜା ଅନୁଷ୍ଠିତ ହୋଇଯାଇଛି । ଅଶୋକନଗର ଯୁବ ସଂଘ ପକ୍ଷରୁ ଚଳିତ ବର୍ଷ ୧୧ ବର୍ଷ ପୂର୍ତ୍ତି ଅବସରରେ ୨୫ ଫୁଟ ଉଚ୍ଚତା ବିଶିଷ୍ଟ ଲାଲବାଗ୍ଚା ଗଣେଶ ମୂର୍ତ୍ତି ନିର୍ମାଣ କରାଯାଇଛି। ଏହା ସହରର ସର୍ବୋଚ୍ଚ ଉଚ୍ଚତା ବିଶିଷ୍ଟ ହୋଇଥିବା ବେଳେ ମୁଖ୍ୟ ଆକର୍ଷଣ ସାଜିଛି । ଏହା ବ୍ୟତୀତ ରାଉତପେଟା ସାହି ଯୁବକ ସଂଘ ପକ୍ଷରୁ ପୂଜା ମଣ୍ଡପ ପିରାମିଡ ଆକୃତିରେ ମେଢ ବେଶ ଆକର୍ଷଣ ସାଜିଛି। କୁଠାରୀ ମନ୍ଦିର ସଂଘ ପକ୍ଷରୁ ଗେଟବଜାର, ଗୋଇଲୁଣ୍ଡି ବଣିକ ସଂଘ ପକ୍ଷରୁ ଗୋଇଲୁଣ୍ଡିରେ ଏବଂ ରାଉତପେଟା ସାହି, ତ୍ରିବେଣୀନଗର, ଫୁଲ ସୁନ୍ଦରୀ ସାହି, ଗୌଡ ସାହି, ବାଲାଜୀ ପେଣ୍ଠ ସାହି, ବ୍ରହ୍ମାନଗର, ହିଲପାଟଣା ସମେତ ସହରର ବିଭିନ୍ନ ପୂଜା କମିଟି ପକ୍ଷରୁ ଆୟୋଜିତ ମଣ୍ଡପରେ ବିଘ୍ନବିନାୟକଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି । ସମସ୍ତ ପୂଜା କମିଟି ପକ୍ଷରୁ ଆଧୁନିକ ସାଜସଜ୍ଜା ବେଶ ଆକର୍ଷଣୀୟ ହୋଇଛି । ସାମାଜିକ ସଂଗଠନ ଅର୍ଗାନିକ ସୋଚ ପକ୍ଷରୁ ପ୍ରସ୍ତୁତ ପୂଜା ମଣ୍ଡପରେ ଅର୍ଗାନିକ ଫୁଡ ଉପରେ ସଚେତନତା ବାର୍ତ୍ତା ଭିତ୍ତିକ ମେଢ ବେଶ ଆକର୍ଷଣୀୟ ହୋଇଛି। ସେହିପରି ଲାଞ୍ଜିପଲ୍ଲୀସ୍ଥିତ ଗୁଡସଶେଡ୍ ରୋଡରେ ଅବସ୍ଥିତ ଗୁରୁକୁଳ ଇଣ୍ଟରନ୍ୟାସନାଲ ପବ୍ଲିକ ସ୍କୁଲ କ୍ୟାମ୍ପସରେ ଏହି ପୂଜା ଅନୁଷ୍ଠିତ ହୋଇଯାଇଛି । ଏଥିରେ ସ୍କୁଲର ଚେୟାରମ୍ୟାନ ପ୍ରଶାନ୍ତ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନ ସମ୍ପାଦିକା ଅନୀତା କୁମାରୀ ପାଢୀ, ଅଧକ୍ଷ ପ୍ରଶାନ୍ତ କୁମାର ମହାପାତ୍ର ଏବଂ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଛାତ୍ରୀଛାତ୍ର ପରିଚାଳନାରେ ସହଯୋଗ କରିଥିଲେ । ବ୍ରହ୍ମପୁର ମହାନଗର ନିଗମରେ ଅନୁଷ୍ଠିତ ପୂଜାରେ ଡେପୁଟି ମେୟର ଜ୍ୟୋତ୍ସ୍ନା ନାୟକ, କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର ଉପସ୍ଥିତ ଥିଲେ । ସେହିପରି ଆମ୍ବବଜାର ବ୍ୟବସାୟୀ ସଂଘ ସମେତ ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟ, ଶଶିଭୂଷଣ ରଥ ମହିଳା ମହାବିଦ୍ୟାଳୟ, ମହାମାୟୀ ମହିଳା ମହାବିଦ୍ୟାଳୟ, ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟ, ସିଟି କଲେଜ, କେସି ଟାଉନ ହାଇସ୍କୁଲ, ଗିରିରୋଡ ବାଳିକା ଉଚ୍ଚ ବିଦ୍ୟାଳୟ, ଶହୀଦ ଲକ୍ଷ୍ମଣ ନାୟକ ଉଚ୍ଚବିଦ୍ୟାଳୟ, ଏସଏମ୍‌ଆଇଟି ଗଣଯୋଗାଯୋଗ ବିଭାଗ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନ ପକ୍ଷରୁ ଏହି ପୂଜା ଅନୁଷ୍ଠିତ ହୋଇଥିଲା।



## ସଂକ୍ଷେପରେ

### ଜୁଆ ଆଡ୍ଡାରୁ ୭ ଗିରଫ

**ଭଞ୍ଜନଗର,୧୩।୯(ଡି.ଏନ.ଏ.):** ବେଲଗୁଣ୍ଠା ଫାଣ୍ଡି ପୋଲିସ ଗୁରୁବାର ତନରଡ଼ାରେ ଚାଲିଥିବା ଏକ ଜୁଆ ଆଡ୍ଡାରେ ଚଢ଼ାଉ କରି ୭ ଜଣଙ୍କୁ ଗିରଫ କରିଛି। ଘଟଣାସ୍ଥଳରୁ ପୋଲିସ ୮୩୦୦ଟଙ୍କା, ୨ ବାଇକ୍, ଗୋଟିଏ ସ୍କୁଟି, ୨ଟି ମୋବାଇଲ ଫୋନ୍ ଜବତ କରିଛି । ଗିରଫ ଅଭିଯୁକ୍ତମାନଙ୍କୁ ଭଞ୍ଜନଗର କୋର୍ଟକୁ ଚାଲାଣ କରାଯାଇଛି । ଜୁଆ ଆଡ୍ଡା ନିକଟରୁ ଫେରାର୍ ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ପୋଲିସ ଚେଷ୍ଟା ଚଳାଇଛି।

### ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚର ବିକ୍ଷୋଭ

**ଦିଗପହଣ୍ଡି,୧୩।୯(ଡି.ଏନ.ଏ.)**-ଦିଗପହଣ୍ଡି ବ୍ଲକ ଅଧୀନ ବ୍ଲକଗ୍ରାଣ୍ଟ ସ୍କୁଲ, କଲେଜ ଶିକ୍ଷକ ଅଧାପକ ଓ କର୍ମଚାରୀ ମଙ୍ଗଳବାର ବିକ୍ଷୋଭ କରି ୭ ଦଫା ଦାବି ନେଇ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ଭାରପ୍ରାପ୍ତ ବିଡିଓ ପୀତାମ୍ବର ବେହେରାଙ୍କୁ ପ୍ରଦାନ କରିଛନ୍ତି। ପୂର୍ଣ୍ଣଚନ୍ଦ୍ର ବିଶୋୟୀଙ୍କ ନେତୃତ୍ୱରେ ୧୧ ବ୍ଲକଗ୍ରାଣ୍ଟ ହାଇସ୍କୁଲ, ୭ କଲେଜ ଓ ୭ ମଧ ଇଂଲିଶ ବିଦ୍ୟାଳୟର ଶିକ୍ଷକ, ଅଧାପକ ଓ କର୍ମଚାରୀ, ସିଏଚ. ଶାନ୍ତା କୁମାରୀ, ମଞ୍ଜୁଳା ସାମନ୍ତରା, ଗୀତା ମହାନ୍ତି, ସସ୍ମିତା ପାଠୀ ପ୍ରମୁଖ ଉପସ୍ଥିତ ଥିଲେ ।

### ଇପିଏଫ୍ ପାଇଁ ବିଇଓ ଅଫିସ ଦୌଡୁଛନ୍ତି ୨ ଦିବ୍ୟାଙ୍ଗ ଶିକ୍ଷକ



**ଗଞ୍ଜାମ,୧୩।୯(ଡି.ଏନ.ଏ.):** ଗଞ୍ଜାମ ବ୍ଲକ ଅଞ୍ଚଳର ୨ ଦିବ୍ୟାଙ୍ଗ ଶିକ୍ଷକ ଭବିଷ୍ୟନିଧି ପାଣ୍ଠି (ଇପିଏଫ୍) ଟଙ୍କା ପାଇଁ ମଙ୍ଗଳବାର ବିଇଓଙ୍କ କାର୍ଯ୍ୟାଳୟକୁ ଆସି ପୁଣି ଏକ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନେ ହେଲେ ବଡ଼ଚକଟା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ରବୀନ୍ଦ୍ର କୁମାର ସେଠୀ, ୟୁଡିଏସ୍‌ପୁର ନୂତନ ପ୍ରାଥମିକ ବିଦ୍ୟାଳୟର ଏ. ସୀମାଦ୍ରି ରେଡ୍ଡୀ। ସେମାନେ ୨୦୧୦ରେ କନିଷ୍ଠ ଶିକ୍ଷକଭାବେ ନିଯୁକ୍ତି ପାଇଥିବା ବେଳେ ଦରମାରୁ ୧୨ ପ୍ରତିଶତ ଟଙ୍କା ଇପିଏଫ୍ ବାବଦକୁ କଟା ଯାଉଥିଲା। କିନ୍ତୁ ଏହି ଟଙ୍କା ତାଙ୍କ ବ୍ୟାଙ୍କ ଖାତାରେ ଜମା ହୋଇ ନ ଥିବା ଅଭିଯୋଗରେ ଦର୍ଶାଇଛନ୍ତି। ଅଗଷ୍ଟ ୬ରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣୀରେ ମଧ ଜିଲାପାଳଙ୍କୁ ଜଣାଇଥିଲେ। ଏନେଇ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ତ୍ରିଲୋଚନ ତ୍ରିପାଠୀଙ୍କ ସହ ଯୋଗାଯୋଗ ପରେ ସମାଧାନ ହୋଇଯିବ ବୋଲି ତ୍ରିପାଠୀ କହିଛନ୍ତି।

### ଭୀମଭୋଇ ସାମର୍ଥ୍ୟ ଶିବିର

**ପୋଲସରା,୧୩।୯(ଡି.ଏନ.ଏ.)**- ପୋଲସରା ବ୍ଲକ କାର୍ଯ୍ୟାଳୟ ପରିସରରେ ବୁଧବାର ଭୀମଭୋଇ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅଧକ୍ଷ ବଳରାମ ସେଠୀ ଅଧକ୍ଷତା କରିଥିଲେ। ଭଞ୍ଜନଗରଠାରେ ପୂର୍ବରୁ ଅନୁଷ୍ଠିତ ସାମର୍ଥ୍ୟ ଶିବିରରୁ ଉପକରଣ ପାଇ ନ ଥିବା ଦିବ୍ୟାଙ୍ଗମାନେ ଏଠାରେ ନାମ ପଞ୍ଜୀକୃତ କରାଇଛନ୍ତି। ପୋଲସରା ଅଞ୍ଚଳର ୨୬ ପଞ୍ଚାୟତର ୯୨ ଦିବ୍ୟାଙ୍ଗ ନାମ ପଞ୍ଜୀକରଣ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଉପାଧକ୍ଷ ସଂଯୁକ୍ତା ବାଡ଼ତ୍ୟା, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଶନ୍ନ କୁମାର ଦାସ, ନଗରପାଳ ପ୍ରଫୁଲ୍ଲ କୁମାର ପ୍ରଧାନ, ସହକାରୀ ଯନ୍ତ୍ରୀ ଗୋପାଳ କୃଷ୍ଣ ଗୌଡ଼, ଜିଲା ପରିଷଦ ସଭ୍ୟ ଜଗନ୍ନାଥ ବେହେରା, ବ୍ଲକ ବିଜେଡି ସମ୍ପାଦକ ଅଶୋକ ବିଶୋୟୀଙ୍କ ସମେତ ଜିଲା ସାମାଜିକ ସୁରକ୍ଷା କାର୍ଯ୍ୟାଳୟର କର୍ମଚାରୀ ଅଂଶଗ୍ରହଣ କରିଥିଲେ।

### ଚାଷ ସମ୍ପର୍କିତ ତାଲିମ

**ବୁଗୁଡ଼ା,୧୩।୯(ଡି.ଏନ.ଏ.):** ବୁଗୁଡ଼ା କୃଷି ବିଭାଗ ପକ୍ଷରୁ ସ୍ଥାନୀୟ ମାଳିଝୋଳା ମନ୍ଦିରରେ କୃଷକ କ୍ଷେତ୍ର ବିଦ୍ୟାଳୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭଞ୍ଜନଗର ଜିଲା କୃଷି ଅଧିକାରୀ ଅର୍ଜୁନ ବିଷୋୟୀ, କ୍ଷେତ୍ର ବିଶେଷଜ୍ଞ କୁମୁଦ ଚନ୍ଦ୍ର ପାଢ଼ୀ, ସହକାରୀ କୃଷି ଅଧିକାରୀ ନିହାର ରଞ୍ଜନ ପୃଷ୍ଟି ଯୋଗଦେଇ ଉପସ୍ଥିତ ଚାଷୀମାନଙ୍କୁ ଉନ୍ନତ ଧାନ ଚାଷ ପ୍ରଣାଳୀ, ରୋଗପୋକ ନିୟନ୍ତ୍ରଣ ଓ ସମନ୍ୱିତ ଖାଦ୍ୟ ସାର ପରିଚାଳନା ସମ୍ପର୍କରେ ତାଲିମ ଦେଇଥିଲେ। ବେତାରସିଙ୍ଗି ଗ୍ରାମର ଶତାଧିକ ଚାଷୀ ଯୋଗଦେଇ ଧାନ ଚାଷରେ ବୈଷୟିକ ଜ୍ଞାନ କୌଶଳର ପ୍ରୟୋଗ ସମ୍ପର୍କରେ ତାଲିମ ନେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସହ ବୈଷୟିକ ସହାୟକ ନିତ୍ୟ ନିରଞ୍ଜନ ବିଶୋୟୀ ଓ ପ୍ରଶାନ୍ତ କୁମାର ସାହୁ ସହଯୋଗ କରିଥିଲେ।

■ ପ୍ରସିଦ୍ଧ ପଞ୍ଚମା ପୀଠରେ ବିନାୟକ ଚତୁର୍ଥୀ

# ଗଜାନନଙ୍କୁ ଦର୍ଶନ କଲେ ଲକ୍ଷାଧିକ ଭକ୍ତ



ଲମ୍ବା ଧାଡ଼ିରେ ମହିଳା ଓ ପୁରୁଷ ଭକ୍ତ।

**କନିଷି,୧୩।୯(ଡି.ଏନ.ଏ.)**

ଦକ୍ଷିଣ ଓଡ଼ିଶାର ପ୍ରସିଦ୍ଧ ପଞ୍ଚମା ବିନାୟକ ପୀଠରେ ଗୁରୁବାର ଗଣେଶ ଚତୁର୍ଥୀ ଅବସରରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ଜନ୍ମଦିନରେ ଗଜାନନଙ୍କ ଦର୍ଶନ ଲାଗି ଗଞ୍ଜାମ ଜିଲା ସମେତ ପଡ଼ୋଶୀ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ୍ ଓ ଗଜପତି ଜିଲାରୁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା। ଭାଦ୍ରବ ଶୁକ୍ଳପକ୍ଷ ଚତୁର୍ଥୀରେ ଅଗ୍ରପୂଜ୍ୟଙ୍କୁ ଦର୍ଶନ କଲେ ମାନସିକ ପୂରଣ ହୁଏ ବୋଲି ପ୍ରାଚୀନ କିମ୍ବଦନ୍ତୀ ରହିଛି। ଗତ ବୁଧବାର ରାତିରୁ ପଞ୍ଚମାରେ ଭକ୍ତଙ୍କ ଧାଡ଼ି ଲାଗିଥିଲା।



ସିଦ୍ଧ ବିନାୟକ।

ଭୋର ୩ଟାରୁ ଭକ୍ତମାନେ ଧାଡିବାନ୍ଧି ଭୋଗ ସାମଗ୍ରୀ ଧରି ସିଦ୍ଧ ବିନାୟକଙ୍କୁ ଦର୍ଶନ ଓ ଭୋଗ ଲଗାଇଥିଲେ। ଗଣେଶଙ୍କ ଦର୍ଶନ ନିମନ୍ତେ ପୀଠଠାରୁ ପ୍ରାୟ ୨କିମି ରଣ୍ଡା ଛକ ପର୍ଯ୍ୟନ୍ତ ଅସମ୍ଭବ ଗହଳି ହୋଇଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ପୂଜା ଚାଲିଥିଲା। ପୂଜା ପରିଚାଳନାରେ ମନ୍ଦିର କମିଟି ମୁଖ୍ୟ ପୂଜକ ବିଶ୍ୱନାଥ ରାଉଳ, ଜଗନ୍ନାଥ ରାଉଳ, ସୁରେନ୍ଦ୍ର ରାଉଳ, କାଶୀନାଥ ରାଉଳ, ଟୁଟୁ ରାଉଳ, ରାଜି ରାଉଳ, ବାପି ରାଉଳ ପ୍ରମୁଖ ସହଯୋଗ କରିଥିଲେ।

ପ୍ରକାଶ ଯେ, ବହୁ ବର୍ଷ ଧରି ଶ୍ରୀଗଣେଶଙ୍କ ଦର୍ଶନ ନିମନ୍ତେ ଟିକେଟ ବ୍ୟବସ୍ଥା ସହ ଭୋଗ ସାମଗ୍ରୀ ବିକ୍ରି କରାଯାଉଥିଲା। ମାତ୍ର ଏହି ଅର୍ଥ ହରିଲୁଟ୍ ହେଉଥିବା ନେଇ ଗ୍ରାମବାସୀ ଓ ପରିଚାଳନା କମିଟି ମଧ୍ୟରେ ଅଶାନ୍ତି ଲାଗି ରହିଥିଲା। ବର୍ତ୍ତମାନ ଦେବୋତ୍ତର ବିଭାଗ କମିଶନର ମନ୍ଦିର ପରିଚାଳନା ଦାୟିତ୍ୱ ହାତକୁ ନେଇ ବ୍ରହ୍ମପୁର ଉପଜିଲାପାଳ, ବ୍ରହ୍ମପୁର ସଦର ଥାନା ଏସ୍‌ଡିପିଓଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ଗୁରୁବାର ମାଜିଷ୍ଟ୍ରେଟ ଦାୟିତ୍ୱରେ କନିଷି ତହସିଲଦାର ଡ଼. ଶରତ ଚନ୍ଦ୍ର ମହାପାତ୍ର ଏବଂ ବ୍ରହ୍ମପୁର ଏସ୍‌ଡିପିଓ ଅଶୋକ ମହାନ୍ତି ଦର୍ଶକଙ୍କ ସୁରକ୍ଷା ଓ ଶାନ୍ତି ଶୃଙ୍ଖଳା ତଦାରଖ କରିବା ସହ ଲକ୍ଷ ଲକ୍ଷ ଭକ୍ତଙ୍କୁ ବିନା ଟିକେଟରେ ଦର୍ଶନ କରାଇଥିଲେ। ଚଳିତ ବର୍ଷ ମନ୍ଦିର ପରିସରରେ ଭୋଗ ସାମଗ୍ରୀ ବିକ୍ରି ବନ୍ଦ କରାଯାଇଛି।

ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ

## ସମ୍ମାନିତ ହେଲେ ୫ ପ୍ରତିଭା

**ଛତ୍ରପୁର,୧୩।୯(ଡି.ଏନ.ଏ.)**

ଛତ୍ରପୁର କଲେଜ ପରିସରରେ ମୁଁ ହିରୋ ମୁଁ ଓଡିଶା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲାପରିଷଦ ସଭାପତି ସୁବାସ ବେହେରା, ଛତ୍ରପୁର ବ୍ଲକ ଅଧକ୍ଷ ଏମ୍. ଧନଞ୍ଜୟ ରେଡ୍ଡୀ, ଉପାଧକ୍ଷା ଅମିତା ସାହୁ, ବିଡିଓ ସଚ୍ଚିଦାନନ୍ଦ ନାୟକ, ଭାରପ୍ରାପ୍ତ ତହସିଲଦାର ଶରତ କୁମାର ପାତ୍ର, ଜିଲାପରିଷଦ ସଭ୍ୟ ଏସ୍. କିଶୋର ରେଡ୍ଡୀ, ସରପଞ୍ଚ ପୀତାମ୍ବର ପଣ୍ଡା ଓ ଏସ୍. ଚକ୍ରପାଣି ରେଡ୍ଡୀ, ଛତ୍ରପୁର କଲେଜ ଅଧକ୍ଷ ଡ. ସୌଭାଗ୍ୟ କୁମାର ସାହୁ, ଜିଲା କ୍ରୀଡା ଅଧିକାରୀ ପ୍ରଶାନ୍ତ କୁମାର ସାହୁ, ବିଜୁ ଯୁବ ବାହିନୀର ଜିଲା ସଂଯୋଜକ ସନ୍ତୋଷ କୁମାର ସାହୁ, ବ୍ଲକ ସଂଯୋଜକ ରାଜେଶ ମହାରଣା, ସୁଧୀର ନାହାକ, ମାନସ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅଭିଯାନ ଯୁବଗୋଷ୍ଠୀଙ୍କ ମଧ୍ୟରେ ନିଜକୁ ଅଗ୍ରଣୀ ଭାବେ ପ୍ରତିପାଦିତ କରିବା ପାଇଁ ସୁଯୋଗ ସୃଷ୍ଟି କରିବ ବୋଲି ଅତିଥି ମାନେ କହିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଜିଲାର ୫ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା। ସେମାନେ ହେଲେ ଇଣ୍ଡୋ-ମାଲେସିଆ ବ୍ୟାଡମିଣ୍ଟନ ଚାମ୍ପିୟନଶିପରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବ୍ରହ୍ମପୁରର ଆଶୁତୋଷ ରଥ, ସିନିୟର ପୁରୁଷ ଇଣ୍ଟର ନ୍ୟାଶନାଲ କରାଟେ ଚାମ୍ପିୟନଶିପ-୨୦୧୭ରେ ଭାଗ ନେଇଥିବା ବ୍ରହ୍ମପୁରର ଶ୍ରୀଧର ସାହୁ, ଓଡିଶା ସାହାସିକତା ଆୱାର୍ଡ-୨୦୧୭ ପାଇଥିବା ଖଲ୍ଲିକୋଟର ପାର୍ଥସାରଥି ଦଳେଇ, ଆସିକା ଏନଏସିର ତଥା କଳାକାର ଆଦିତ୍ୟ କୁମାର ରାଉତ ଓ ଲୋକ ନୃତ୍ୟଶିଳ୍ପୀ ଛତ୍ରପୁର ବ୍ଲକର ଏସ୍. ସ୍ୱୟଂପ୍ରଭା । ୧୫ରୁ ୩୫ ବର୍ଷ ପର୍ଯ୍ୟନ୍ତ ଯେଉଁ ଯୁବକ ନିଜର କାର୍ଯ୍ୟ ଦକ୍ଷତା ବଳରେ ପ୍ରଶଂସିତ ହୋଇଛନ୍ତି ଏବଂ ଅନ୍ୟମାନଙ୍କୁ ଅନୁପ୍ରାଣିତ କରିପାରିଛନ୍ତି ସେମାନଙ୍କୁ ଦିଗଦର୍ଶକ ଭାବେ ଉପସ୍ଥାପିତ କରାଯାଇ ସାମାଜିକ ପରିବର୍ତ୍ତନ ଓ ପ୍ରଗତି ପାଇଁ ମତାମତ ନିଆଯାଇଥିଲା। ବିଜୁ ଯୁବ ବାହିନୀର ଅନସୂୟା ନାୟକ, ଜ୍ୟୋତିର୍ମୟୀ ବେହେରା, ଲକ୍ଷ୍ମୀ ବେହେରା, ନଳିନୀ ମହାପାତ୍ର, ପ୍ରତିମା ମହାରଣା, ଜୁଲିଶ୍ରୀ ବେହେରା, ପୁଷ୍ପାଞ୍ଜଳୀ ରେଡ୍ଡୀ, ମିତାଞ୍ଜଳି ଗୌଡ, ଅନିଷା ମହାରଣା, ମନିଷା ପଲେଇ, ଅନୀଲ ପଲାଇ, ସମୀର ତରାଇ ଓ ପ୍ରଣତି ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ସମ୍ମାନିତ ପ୍ରତିଭାଙ୍କ ସହ ଉପସ୍ଥିତ ଅତିଥି।

ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ

## ୯୭ ପ୍ରକଳ୍ପ ପାଇଁ ୪ କୋଟି ୨୫ ଲକ୍ଷ ମଞ୍ଜୁର

**ଚିକିଟି,୧୩।୯(ଡି.ଏନ.ଏ.)**

ଗଞ୍ଜାମ ଜିଲା ଚିକିଟିଗଡ ସ୍ଥିତ ମିନି ଷ୍ଟାଡିୟମ ପରିସରରେ ବ୍ଲକସ୍ତରୀୟ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଏହାର ଉଦ୍‌ଘାଟନ କରିଥିଲେ। ବ୍ଲକ୍‌ର ୧୭ଟି ପଞ୍ଚାୟତର ୯୭ଟି ପ୍ରକଳ୍ପ ପାଇଁ ୪ କୋଟି ୨୫ ଲକ୍ଷ ଟଙ୍କା ମଞ୍ଜୁର କରିବା ସହ ପ୍ରକଳ୍ପଗୁଡିକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବାକୁ କନଫରେନ୍ସିଂ ମାଧମରେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ଯୋଜନା ଓ ସମନ୍ୱୟ ମନ୍ତ୍ରୀ ଉଷା ଦେବୀ, ଜିଲାପାଳ ବିଜୟ ଅମୃତ କୁଲାଙ୍ଗେ, ଜିଲା ଗ୍ରାମ୍ୟଉନ୍ନୟନ ପ୍ରକଳ୍ପ ଅଧିକାରୀ ଡ. ସିଦ୍ଧାର୍ଥ କୁମାର ସ୍ୱାଇଁ, ଚିକିଟି ତହସିଲ୍‌ଦାର ହରପ୍ରସାଦ ଭୋଇ, ସିଡିପିଓ ମାଧୁରୀ ପାଢୀ, ଏବିଡିଓ ରମାକାନ୍ତ ସାହୁ, ବ୍ଲକ ଅଧକ୍ଷ ଏମ୍ ପଦ୍ମାଙ୍କ ସମେତ ୧୭ଟି ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ଜିଲା ପରିଷଦ ସଭ୍ୟ ଉପସ୍ଥିତ ଥିଲେ। ଶେଷରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



କାର୍ଯ୍ୟକ୍ରମରେ ଉପସ୍ଥିତ ମନ୍ତ୍ରୀ ଓ ଅନ୍ୟମାନେ।

### ନିର୍ମାଣ ଶ୍ରମିକଙ୍କୁ ସହାୟତା

**ଡୁମୁଡ଼ିବନ୍ଧ,୧୩।୯(ଡି.ଏନ୍.ଏ.)**

ଡୁମୁଡ଼ିବନ୍ଧ ବେନାରବାହାଲ କାଳୀ ମନ୍ଦିର ପରିସରରେ ବ୍ଲକସ୍ତରୀୟ ଓଡ଼ିଶା ନିର୍ମାଣ ଶ୍ରମିକ ସହାୟତା ବଣ୍ଟନ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷ ପ୍ରକାଶ ଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି, ଭାରପ୍ରାପ୍ତ ବିଡିଓ ସୌମ୍ୟରଞ୍ଜନ ସାହୁ ଏବଂ ଏମ୍‌ପି ପ୍ରତିନିଧି ରିନୁ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ୧୬୦ ଜଣଙ୍କୁ ଶ୍ରମିକ କାର୍ଡ, ୪୫ ପ୍ରସୂତୀଙ୍କୁ ପ୍ରସୂତୀକାଳୀନ ସହାୟତା, ୩୮ଜଣଙ୍କୁ ଛାତ୍ର ବୃତ୍ତୀ ଓ ୩୨ ଜଣଙ୍କୁ ବିବାହକାଳୀନ ସହାୟତା ପ୍ରଦାନ କରାଯାଇଛି। ଶିବିରରେ ଡୁମୁଡ଼ିବନ୍ଧ ବ୍ଲକର ପ୍ରାୟ ୫ଶହରୁ ଊର୍ଦ୍ଧ୍ୱ ଶ୍ରମିକ ଯୋଗ ଦେଇଥିଲେ। ଜିଲା ଶ୍ରମଅଧିକାରୀ ରଞ୍ଜନ କିଶୋର ବେହେରା ପରିଚାଳନା କରିଥିଲେ। ଗ୍ରାମ୍ୟ ଶ୍ରମ ନିରୀକ୍ଷକ ବୈଷ୍ଣବ ବେହେରା ଓ ଜିଲା ଶ୍ରମ ମଙ୍ଗଳ ସଂଯୋଜକ ଲବ ଦୋରା ପ୍ରମୁଖ ଉପସ୍ଥିତ ଥିଲେ।

### ଲ୍ୟାମ୍ପ ପରିଚାଳନା ପରିଷଦ ବୈଠକ

**ଜି.ଉଦୟଗିରି,୧୩।୯(ଡି.ଏନ.ଏ.)**

ଜି.ଉଦୟଗିରି ଲ୍ୟାମ୍ପ ପରିଚାଳନା କମିଟି ସଭାପତି ସଚ୍ଚିଦାନନ୍ଦ ପ୍ରଧାନଙ୍କ ଅଧକ୍ଷତାରେ ପରିଷଦର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା ନିର୍ଦ୍ଦେଶକ ଶିଶିରକାନ୍ତ ତ୍ରିପାଠୀ ପୂର୍ବ ବୈଠକର ବିବରଣୀ ପାଠ କରିବା ସହ ଆୟବ୍ୟୟ ଉପସ୍ଥାପନା କରିଥିଲେ। ୫ ଜେଏଲଜିକୁ ଋଣ ଦେବା ସଙ୍ଗେ ସଙ୍ଗେ ବଜାର ଛକସ୍ଥିତ ଲ୍ୟାମ୍ପ ଗୃହ ଉପରେ ଗୃହ ନିର୍ମାଣ, ବିଭିନ୍ନ ପ୍ରକାର ସାର ଓ କୀଟନାଶକ ଔଷଧ, କୃଷି ଯନ୍ତ୍ରପାତି ଏବଂ ଜନସେବା କେନ୍ଦ୍ର ଖୋଲିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ସଭ୍ୟ ଦେବନାଥ ଦଳବେହେରା, ପୂର୍ଣ୍ଣ ଚୌଧୁରୀ, ରିଙ୍କୁ ଦଳବେହେରା, ବୁଲୁ ତ୍ରିପାଠୀ, ଜଶିତ ପ୍ରଧାନ, ଦ୍ୱିଜେନ୍ଦ୍ରନାଥ ପ୍ରଧାନ, ଆମୋଦ ନାୟକ, ବାକିରାମ ନାୟକ, ପ୍ରଭାତ ନାୟକ, ଦୀପକ ପ୍ରଧାନ ଓ ମଦନାବତୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଗାଁରୁ ସହର ପୂଜା ପାଇଲେ ଗଜାନନ



ରାଇକିଆ।



ଦାରିଙ୍ଗବାଡି।



ଦିଗପହଣ୍ଡି।



ଶଙ୍କରାଖୋଲ।

**ଚିକିଟି,୧୩।୯(ଡି.ଏନ.ଏ.)**

ଚିକିଟି ଏନଏସିର ବିଭିନ୍ନ ୱାର୍ଡ, ଶିକ୍ଷାନୁଷ୍ଠାନ, କଳା ଓ ସାଂସ୍କୃତିକ ଅନୁଷ୍ଠାନ, ଏବଂ ବିଭିନ୍ନ ସଂଗଠନ ପକ୍ଷରୁ ଗଣେଶ ପୂଜା ପାଳିତ ହୋଇଯାଇଛି। ସନ୍ଧ୍ୟାରେ କେତେକ ସ୍ଥାନରେ ଭଜନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଛି। ସେହିପରି ନୂଆପଡା ଗ୍ରାମର ପ୍ରତ୍ୟେକ ସାହି ସମେତ ଶିକ୍ଷାନୁଷ୍ଠାନରେ ଗଜାନନ ପୂଜା ପାଇଛନ୍ତି।

**ହିଞ୍ଜିଳିକାଟୁ:** ହିଞ୍ଜିଳିକାଟୁ ସମେତ ବ୍ଲକର ବିଭିନ୍ନ ସରକାରୀ ତଥା ବେସରକାରୀ ଶିକ୍ଷାନୁଷ୍ଠାନ ଯୁବକ ସଂଘରେ ଗଣେଶଙ୍କ ମୃଣ୍ମୟ ମୂର୍ତ୍ତି ନିର୍ମାଣ କରାଯାଉ ପୂଜା କରାଯାଇଛି। ମେଣ୍ଢାଖାଇ ପାହାଡ଼ ଓ ପୋଚିଲିମା ପଞ୍ଚାୟତ ଘୋଡ଼େଇଶୁଣୀ ପାହାଡ଼ସ୍ଥିତ ଗଣେଶ ମନ୍ଦିରରେ ଭକ୍ତଙ୍କ ଗହଳି ଲାଗିଥିଲା।

**କୁକୁଡ଼ାଖଣ୍ଡି:** କୁକୁଡ଼ାଖଣ୍ଡି ବ୍ଲକର ସମସ୍ତ ପଞ୍ଚାୟତରେ ଗଣେଶ ପୂଜା ପାଳିତ ହୋଇଯାଇଛି। ଜିଲା ପରିଷଦ ସଭ୍ୟ ଏଲ. ମୋହନ ଦାସ ୧୦ନଂ ଜୋନରେ ହେଉଥିବା ଗଣେଶ ପୂଜାରେ ଉପସ୍ଥିତ ରହି ସହଯୋଗ କରିଥିଲେ।

**ଜଗନ୍ନାଥପ୍ରସାଦ:** ଜଗନ୍ନାଥପ୍ରସାଦର ସମସ୍ତ ଶିକ୍ଷାନୁଷ୍ଠାନ ସମେତ ବିଭିନ୍ନ ସ୍ଥାନରେ ଗଣେଶ ପୂଜା ପାଳିତ ହୋଇଯାଇଛି। ବଜାର ବଣିକ ସଂଘ ପୂଜାରେ ଅମିତାବ ମହାପାତ୍ର, କର୍ତ୍ତାଭାବେ ମହେନ୍ଦ୍ର ପଣ୍ଡା ଓ ପୂଜକଭାବେ ନାରାୟଣ ଦାଶ କାର୍ଯ୍ୟ ସମ୍ପାଦନ କରିଥିଲେ।

**ଆସିକା:** ଆସିକା ସହର ତଥା ଆଖାପଖରେ ଗଣେଶ ପୂଜା ପାଳିତ ହୋଇଯାଇଛି। କୃଷ୍ଣସିଂହ ପାଠାଗାର, ଖମ୍ବେଶ୍ୱରୀପାଟଣା ଗଣେଶ ଘାଟ, ବିନାୟକ ବିଜାର, ବାଣିବିହାର, ତାଲୁକା ରୋଡ ଆଦି ଅଞ୍ଚଳର ପୂଜା ମଣ୍ଡପ ମାନଙ୍କରେ ଗଜାନନ ପୂଜା ପାଇଥିଲେ। ସତ୍ୟନାରାୟଣ ମନ୍ଦିର ପରିସରରେ ଥିବା ମମ୍ ସ୍କୁଲରେ ଏହି ପୂଜାରେ ୧୧ହଜାର ୮ ବିଗ୍ରହ ପୂଜା ପାଇଥିଲେ। ଏହି ବିଗ୍ରହ ମଧ୍ୟରେ ବିଭିନ୍ନ ଧାତୁ, ପ୍ରସ୍ତର ଓ ମୃଣ୍ମୟ ମୂର୍ତ୍ତି ରହିଥିଲା।

**ରାଇକିଆ:** ରାଇକିଆରେ ସକାଳୁ ଛାତ୍ରୀଛାତ୍ରମାନେ ନୂତନ ପୋଷାକ କରି ବିଭିନ୍ନ ପୂଜା ମଣ୍ଡପରେ ଭିଡ଼ ଜମାଇଥିଲେ। ବିଜୟ ବଜାର ପୂଜା କମିଟି ପକ୍ଷରୁ ହୋଇଥିବା ମୂର୍ତ୍ତି, ତୋରଣ ଓ ଆଲୋକ ସଜ୍ଜା ଦର୍ଶକଙ୍କ ମନ ମୋହିଥିଲା। ସେହିପରି ବେରେଡ଼ାକିଆ ପୂଜା କମିଟି, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବାଙ୍କେଶ୍ୱରୀ କମ୍ପ୍ୟୁଟର, ସରସ୍ୱତୀ ଶିଶୁ ମନ୍ଦିର, ଜୀବନ ଜ୍ୟୋତି କଲେଜ, ଏକ୍ସଲେଣ୍ଟ କୋଚିଂ, ଦିଶା ଟ୍ୟୁଟୋରିଆଲ ଆଦି ଶିକ୍ଷାନୁଷ୍ଠାନରେ ଗଜାନନଙ୍କ ପୂଜା କରାଯାଇଛି।

**କ. ନୂଆଗାଁ:** କ. ନୂଆଗାଁ ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନ, ଯୁବକ ସଂଘରେ ଗଣେଶଙ୍କ ମୃଣ୍ମୟ ମୂର୍ତ୍ତି ପୂଜାର୍ଚ୍ଚନା କରାଯାଇଛି। ଏହି ଅବସରରେ କେତେକ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

**ଶଙ୍କରାଖୋଲ:** ଚକାପାଦ ଓ ଟିକାବାଲି ବ୍ଲକରେ ଥିବା ବିଭିନ୍ନ ସରକାରୀ, ବେସରକାରୀ ଶିକ୍ଷାନୁଷ୍ଠାନ ଓ ବିଭିନ୍ନ କ୍ଲବରେ ଅଗ୍ରପୂଜ୍ୟ ଗଜାନନଙ୍କ ପୂଜା କରାଯାଇଛି। ସବୁଠି ପୂଜା ଲାଗି ଉତ୍ସାହ ଦେଖାଦେଇଥିଲା।

**ବାଲିଗୁଡ଼ା:** ବାଲିଗୁଡ଼ା ସଦର ଟାଉନ୍ ତଥା ଏହାର ଆଖପାଖ ଅଞ୍ଚଳରେ ଗଣେଶ ପୂଜା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଯଥାରୀତି ସହକାରେ ପୂଜା, ପୁଷ୍ପାଞ୍ଜଳି ଓ ପ୍ରସାଦ ସେବନ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ପ୍ରତ୍ୟେକ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରମାନେ ପ୍ରତ୍ୟୁଷରୁ ହିଁ ସ୍ନାନ ଶୌଚାଦି ଶେଷ କରି ପ୍ରତ୍ୟେକ ଦେବଦେବୀଙ୍କ ମନ୍ଦିରକୁ ଯାଇ ଦର୍ଶନ କରି ବିଦ୍ୟାଳୟର ପୂଜା ଉତ୍ସବରେ ଯୋଗ ଦେଇଥିଲେ।

**ଦାରିଙ୍ଗବାଡ଼ି:** ଦାରିଙ୍ଗବାଡ଼ି ଅଞ୍ଚଳରେ ଗଣେଶ ପୂଜା ପାଳିତ ହୋଇଯାଇଛି । ଆଦର୍ଶ ବିଦ୍ୟାଳୟରେ ପୂଜା ହୋଇଥିଲା, କାର୍ଯ୍ୟକ୍ରମରେ ଉପାଧକ୍ଷା ବବିତାରାଣୀ ସେଠୀଙ୍କ ସମେତ ସମସ୍ତ ଶିକ୍ଷୟତ୍ରୀଶିକ୍ଷକ ଉପସ୍ଥିତ ରହିଥିଲେ । ସେହିପରି ତିଲୋରୀ ପଞ୍ଚାୟତରେ ମା’ ପାଟଖଣ୍ଡା ପୂଜା କମିଟି ପକ୍ଷରୁ ପାଟଖଣ୍ଡା ସାହି, ସିମନବାଡ଼ି ବଜାର ମଧ୍ୟରେ ଗଜାନନଙ୍କ ପୂଜା ହୋଇଛି। ଏଥିରେ ସରୋଜ କୁମାର ସାହୁଙ୍କ ସମେତ ବିକ୍ରମ ନାୟକ, ଚିତ୍ତ ପ୍ରଧାନ, ବିନୋଦ ସାହୁ, ଚିତ୍ତ ରଞ୍ଜନ ସାହୁ, ସୌମ୍ୟରଞ୍ଜନ ନାୟକ, ଧନଞ୍ଜୟ ନାୟକ, ହିମାଂଶୁ ସାହୁ, ସନୋଜ କୁମାର ସାହୁ, ଚାନ୍ଦୁ ସାହୁ, ପ୍ରବୀର ନାୟକ,ପିଙ୍କୁ ନାୟକ,ଚିଙ୍କୁ ନାୟକ, ସିକି ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

**ଚନ୍ଦ୍ରଗିରି:** ଚନ୍ଦ୍ରଗିରିର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଗଣେଶ ପୂଜା ପାଳିତ ହୋଇଛି। ଯୁବଗାଁ, ଯୋଡାଆମ୍ବ, ଧାଡିଆମ୍ବ, ଟାଙ୍କିଲିପଦର, ଲାବାରସିଂ, ଅନ୍ତରବା, ଚୁଡଙ୍ଗପୁରର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଛାତ୍ରୀଛାତ୍ରମାନେ ବିଦ୍ୟାଦାତା ଗଣେଶଙ୍କୁ ପୂଜାର୍ଚ୍ଚନା କରିଥିଲେ ।

## ଏଆଇଟିୟୁସିର ଜନଜାଗରଣ ରଥକୁ ସମ୍ବର୍ଦ୍ଧନା

**ଦିଗପହଣ୍ଡି/ଶେରଗଡ/ଆସିକା, ୧୩।୯(ଡି.ଏନ.ଏ.)**

ଅଖିଳ ଭାରତ ଟ୍ରେଡ ୟୁନିଅନ କଂଗ୍ରେସ ଶ୍ରମିକ ସଂଗଠନ ଏଆଇଟିୟୁସିର ଜନଜାଗରଣ ଯାଥା ରଥକୁ ଦିଗପହଣ୍ଡିରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଦିଗପହଣ୍ଡି ବ୍ଲକ ଅଧୀନ ବିଭିନ୍ନ ଗ୍ରାମ ପରିକ୍ରମା କରିବା ପରେ ଗୁରୁବାର ସନ୍ଧ୍ୟାରେ ଯାଥା ସ୍ଥାନୀୟ ଘୋଡ଼ାହାଡ଼ ଡ୍ୟାମ ସନ୍ଥ ଅରକ୍ଷିତ ଛକରେ ପହଞ୍ଚିଥିଲା। କେନ୍ଦ୍ର ସରକାରଙ୍କ ଶ୍ରମିକ ମାରଣ ନୀତି ବିରୋଧରେ ଚଳିତ ମାସ ୧୮ ତାରିଖରେ ଶ୍ରମିକ ସଂଗଠନ ଏଆଇଟିୟୁସି ପକ୍ଷରୁ ଅନୁଷ୍ଠିତ ହେବାକୁ ଥିବା ମହାସମାବେଶକୁ ସଫଳ କରିବା ପାଇଁ ଏହି ରଥ ୭ ତାରିଖ ଠାରୁ ଜିଲାର ବିଭିନ୍ନ ଅଞ୍ଚଳ ପରିକ୍ରମା କରୁଛି। ଯାଥାର ଅଭିଯାତ୍ରୀ ଦଳରେ ଥିବା ଏଆଇଟିୟୁସିର ଗଞ୍ଜାମ ଜିଲା ସଭାପତି ପ୍ରଶାନ୍ତ ପାଟ୍ଟଯୋଶୀ, ଗଞ୍ଜାମ ଜିଲା ସଭାପତି ଦଣ୍ଡପାଣି ସାମଲ, ନିର୍ମାଣ ଶ୍ରମିକ ସଂଘ ମହିଳା ଶାଖା ସମ୍ପାଦକ ଲକ୍ଷ୍ମୀପ୍ରିୟା ଭଞ୍ଜ, ଅଖିଳ ଭାରତ ଯୁବ ସଂଘ ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ସେଠୀ, ଜିଲା ସଭାପତି ସୁଶାନ୍ତ ସ୍ୱାଇଁ, ସିପିଆଇ ରାଜ୍ୟ ପରିଷଦ ସଦସ୍ୟ ଅଳକନାଥ ମିଶ୍ରଙ୍କୁ ବିଭିନ୍ନ ଶ୍ରମିକ ସଂଗଠନ, ଓକିଲ ସଂଘ, ବ୍ୟବସାୟୀ ସଂଘ, ଯୁବ ଛାତ୍ର ମହିଳା ସଂଗଠନର କର୍ମକର୍ତ୍ତା ସଦସ୍ୟବୃନ୍ଦ ସ୍ୱାଗତ ଜଣାଇଥିଲେ। ସିପିଆଇ ବଡ଼ଖେମୁଣ୍ଡି ଜୋନାଲ କମିଟି ସମ୍ପାଦକ କିଶୋର ଶତପଥୀ ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ଜନଜାଗରଣ ଯାଥା ରଥରେ ସାମିଲ ଥିବା ନେତୃବୃନ୍ଦ।

ସେହିପରି ଯାଥା ଦଳ ବୁଧବାର ଶେରଗଡରେ ପହଞ୍ଚିଥିଲେ। ବ୍ଲକର ରାମଚନ୍ଦ୍ରପୁର ଗ୍ରାମରେ ପହଞ୍ଚିବା ପରେ ଶେରଗଡ ସିପିଆଇ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଯାଥା ନରେନ୍ଦ୍ରପୁର ହୋଇ ଧନନ୍ତର, ତାକରଡା ହୋଇ ଶେରଗଡ ଠାରେ ପହଞ୍ଚିଥିଲା। ଅଖିଳ ଭାରତୀୟ ଟ୍ରେଡ ୟୁନିୟନର ନେତା ଅଳକନାଥ ମିଶ୍ରଙ୍କ ନେତୃତ୍ୱରେ ବହୁ ନେତା ଉକ୍ତ ଯାଥାରେ ବସି ଲୋକମାନଙ୍କୁ ସଚେତନ କରିଥିଲେ। କାର୍ଯ୍ୟକ୍ରମରେ ସିପିଆଇର ହରପ୍ରସାଦ ଆଚାରୀଙ୍କ ସମେତ ବହୁ ବାମପନ୍ଥୀ ନେତା ସାମିଲ ଥିଲେ।

ବୁଧବାର ଅପରାହ୍ନରେ ଆସିକା ବସଷ୍ଟାଣ୍ଡରେ ପହଞ୍ଚିଥିଲେ। ଏହି ଯାଥା ଦଳକୁ ସିପିଆଇ ନେତା ବିଦେଶୀ ନାହାକ, ଭଜରାମ ଲେଙ୍କା, ସନ୍ୟାସୀ ନାହାକ, ସହଦେବ ଜେନା, ସ୍ୱଦେଶ ସ୍ୱାଇଁଙ୍କ ସମେତ ବହୁ କର୍ମୀ ଉପସ୍ଥିତ ରହି ସ୍ୱାଗତ ଜଣାଇଥିଲେ। ଏଥି ପୂର୍ବରୁ ଏହି ଯାଥା ଦଳକୁ କଲେଜ ଛକ ଓ ଚିନିଶିଳ୍ପ ଠାରେ ଶ୍ରମିକ ସଂଗଠନ ପକ୍ଷରୁ ସ୍ୱାଗତ କରାଯାଇଥିଲା।

# ନାଳକୁ ମୋପେଡ ଖସି ଚାଳକ ମୃତ

ହିଞ୍ଜିଳିକାଟୁ,୧୩।୯(ଡି.ଏନ୍.ଏ.)

ହିଞ୍ଜିଳିକାଟୁ ବ୍ଲକ ଆଲପୁର ନିକଟରେ ଗୁରୁବାର ଏକ ମୋପେଡ଼ ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱ ନାଳକୁ ଖସି ପଡିବାରୁ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବ୍ରହ୍ମପୁର ବଡ଼ବଜାର କାଠମେଣ୍ଟ ସାହିର ସୁରେଶ ରାଉଳ(୪୦)। ସେ ବ୍ରହ୍ମପୁରରୁ ଏକ ମୋପେଡ଼ରେ ଶ୍ୱଶୁର ଘର କବିସୂର୍ଯ୍ୟନଗର ଥାନା ରାଉଳପଲୀ ଯାଉଥିଲେ। ଆଲପୁର ନିକଟ ବୁଲାଣି ରାସ୍ତାରେ ଭାରସାମ୍ୟ ହରାଇବାରୁ ମୋପେଡ଼ ସହ ସୁରେଶ ନାଳକୁ ଖସି ପଡିଥିଲେ। ମୋପେଡ ମାଡି ବସିବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ହିଞ୍ଜିଳିକାଟୁ ତହସିଲଦାର ଗୋପୀନାଥ କୁଅଁରଙ୍କ ଉପସ୍ଥିତିରେ ପୋଲିସ ଓ ଅଗ୍ନିଶମ ବାହିନୀ ସୁରେଶଙ୍କ ମୃତଦେହ ଉଦ୍ଧାର କରିଥିଲେ। ଏ ନେଇ ହିଞ୍ଜିଳି ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୨/୧୮) ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡ଼ାକ୍ତରଖାନା ପଠାଯାଇଛି। ଘଟଣାର ତଦନ୍ତ ଚାଲିଥିବା ଆଇଆଇସି ପ୍ରଶାନ୍ତ କୁମାର ସାହୁ କହିଛନ୍ତି।

## ଜେଲରୁ ଫେରାର ବାବୁଙ୍କ ସୁରାକ୍ ମିଳିନି

# ଘଟଣାର ତଦନ୍ତ କଲେ ଜିଲାପାଳ

ଭଞ୍ଜନଗର,୧୩।୯(ଡି.ଏନ.ଏ.)

ଭଞ୍ଜନଗର ଜେଲରୁ ବିଚାରାଧୀନ ବନ୍ଦୀ ବାବୁ ନାୟକ ଫେରାର୍ ହେବାର ୩ ଦିନ ପରେ ବି ପୋଲିସ ତାଙ୍କର ସୁରାକ୍ ପାଇପାରୁନାହିଁ। ଗୁରୁବାର ଅପରାହ୍ନ ପ୍ରାୟ ୪ଟାରେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଭଞ୍ଜନଗର ଜେଲ ପରିଦର୍ଶନରେ ଆସି ପ୍ରାୟ ଅଧଘଣ୍ଟା ପର୍ଯ୍ୟନ୍ତ ଘଟଣାର ଟିକିନିଖି ତଦନ୍ତ କରିଛନ୍ତି। ଏହା ପୂର୍ବରୁ ଜେଲ ବିଭାଗ ଡିଆଇଜି ଘଟଣାର ତଦନ୍ତ କରିଥିଲେ। କାର୍ଯ୍ୟରେ ଅବହେଳା କରିଥିବା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା ସମ୍ଭାବନା ରହିଛି। ଜିଲାପାଳଙ୍କ ଗସ୍ତ ସମୟରେ ଭଞ୍ଜନଗର ଏସ୍‌ଡ଼ିପିଓ ଉତ୍କଳ କେଶରୀ ଦାସ ଓ ଜେଲ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଭଞ୍ଜନଗର ଦମକଳ କେନ୍ଦ୍ର ପଛପଟେ ଥିବା ବାଲିସାହିର ବାବୁ ନାୟକ ବିଚାରାଧୀନ ବନ୍ଦୀ ଭାବେ ରହିଥିଲେ। ମଙ୍ଗଳବାର ଅପରାହ୍ନରେ ସିଡ଼ି ରଶି ସହାୟତାରେ ପାଚେରି ଡ଼େଇଁ ଜେଲରୁ ଫେରାର ହୋଇଯାଇଥିଲେ। ତାଙ୍କୁ ଗିରଫ କରିବା ପାଇଁ ଏସ୍‌ଡିପିଓ ଦାସଙ୍କ ନେତୃତ୍ୱରେ ବିଭିନ୍ନ ଟିମ୍ ତଦନ୍ତ ଚଳାଇଛନ୍ତି। ଭଞ୍ଜନଗର ଜେଲରେ କେତେକ ସିସିଟିଭି କ୍ୟାମେରା ବହୁଦିନ ହେବ ଅଚଳ ପଡିଛି। ୨୮ଜଣ ଜେଲ ୱାର୍ଡ଼ର ଆବଶ୍ୟକ ଥିବାବେଳେ ବର୍ତ୍ତମାନ ଅଛନ୍ତି ୧୮। ଗୋଟିଏ ସିଫ୍ଟରେ ୪ କର୍ମଚାରୀ ଜେଲକୁ ଜଗିବା କଷ୍ଟକର। ଏହାର ସୁଯୋଗ ନେଇ ବାବୁ ଫେରାର ହୋଇଯାଇଛନ୍ତି।

# ଏଟିଏମ କାର୍ଡ ଠକେଇ ଘଟଣା, ଜଣେ ଗିରଫ

ବୁଗୁଡ଼ା,୧୩।୯(ଡି.ଏନ.ଏ.)

ବୁଗୁଡ଼ା ଥାନା ବାଲିପଦରରେ ଏଟିଏମ କାର୍ଡ ବଦଳାଇ ୫୪ ହଜାର ଟଙ୍କା ହଡ଼ପ ଘଟଣାରେ ପୋଲିସ ଗୁରୁବାର ଜଣଙ୍କୁ ଗିରଫ କରିଛି। ସେ ହେଲେ ବାଲିଗୁଡ଼ା ଥାନା ଦୁଲୁକିଆ ଗ୍ରାମର ନାରାୟଣ ଦିଗାଲ। ତାଙ୍କୁ କୋର୍ଟଚାଲାଣ କରାଯାଇଛି। ଏ ନେଇ ବୁଗୁଡ଼ା ଥାନାରେ ନଂ.୧୫୦/୧୮ରେ ଏକ ଠକେଇ ମାମଲା ରୁଜୁ ହୋଇଥିଲା। ପ୍ରକାଶ ଯେ, ଆସିକା ଥାନା ଭେଟନଇ ଗ୍ରାମର ଲକ୍ଷ୍ମଣ ନାହାକ ଜୁନ ୨ତାରିଖରେ ଟଙ୍କା ଉଠାଇବାକୁ ବାଲିପଦର ଏଟିଏମ କେନ୍ଦ୍ରକୁ ଆସିଥିଲେ। ଟଙ୍କା ଉଠାଇବା ପାଇଁ ସେ ନାରାୟଣଙ୍କ ସାହାଯ୍ୟ ଲୋଡ଼ିଥିଲେ। ଲକ୍ଷ୍ମଣଙ୍କ ଏଟିଏମ କାର୍ଡରେ ନାରାୟଣ ୨୦ ହଜାର ଟଙ୍କା ଉଠାଇ ତାଙ୍କୁ ଦେବା ପରେ କାର୍ଡଟି ବଦଳାଇ ଦେଇଥିଲେ । ପରେ ନାରାୟଣ ପ୍ରଥମ ପର୍ଯ୍ୟାୟରେ ଲକ୍ଷ୍ମଣଙ୍କ ଏଟିଏମ କାର୍ଡ ଦ୍ୱାରା ନିଜ ଆକାଉଣ୍ଟକୁ ୩୪ ହଜାର ଟଙ୍କା ଟ୍ରାନ୍ସଫର କରିବା ସହ ବୁଗୁଡ଼ା ଏକ୍ସିସ୍ ବ୍ୟାଙ୍କ ଏଟିଏମରୁ ଦ୍ୱିତୀୟ ପର୍ଯ୍ୟାୟରେ ୨୦ ହଜାର ଟଙ୍କା ଉଠାଇଥିଲେ । ନିଜ ପାସବୁକରୁ ଅନ୍ୟ ଏକ ପାଶବୁକକୁ ଟଙ୍କା ଟ୍ରାନ୍ସଫର ହେବା ଲକ୍ଷ୍ମଣ ଜାଣିବା ପରେ ଜୁଲାଇ ୫ ତାରିଖରେ ବୁଗୁଡ଼ା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ନାରାୟଣଙ୍କ ପାଶବୁକକୁ ସିଜ୍ କରିବା ପାଇଁ ବ୍ୟାଙ୍କକୁ ଜଣାଇଥିଲା। ଖାତା ସିଜ୍ ହେବା ଯୋଗୁ ଗୁରୁବାର ନରାୟଣ ବାଲିପଦର ଆସିଥିବା ବେଳେ ପୋଲିସ ଗିରଫ କରିଥିଲା । ଥାନାରେ ଲକ୍ଷ୍ମଣ ମଧ୍ୟ ନାରାୟଣଙ୍କୁ ଚିହ୍ନଟ କରିଥିଲେ ।

# ମିଳିତ ଶିକ୍ଷକ ସଂଘ ବୈଠକ

ଛତ୍ରପୁର,୧୩।୯(ଡି.ଏନ.ଏ.)

ଛତ୍ରପୁର ବ୍ଲକ ମିଳିତ ଶିକ୍ଷକ ସଂଘର ବୈଠକ ସ୍ଥାନୀୟ ପବ୍ଲିକ୍ ସ୍କୁଲ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋହନ ସେଠୀ ଅଧ୍ୟକ୍ଷତା କରିଥିଲେ। ଶିକ୍ଷକମାନଙ୍କ ବିଭିନ୍ନ ସୁବିଧା, ଅସୁବିଧା ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ଅବସରରେ ନୂତନ କର୍ମକର୍ତ୍ତା ଚୟନ ହୋଇଥିଲା। ରବି ନାରାୟଣ ବେହେରା ସଭାପତି, ରଘୁନାଥ ପ୍ରଧାନ ସମ୍ପାଦକ, ତ୍ରିନାଥ ସାହୁ ଓ ହୀରା କାର୍ଯୀ ଉପସଭାପତି, ରାମଚନ୍ଦ୍ର ପ୍ରଧାନ ଓ ସନ୍ଧ୍ୟାରାଣୀ ଖାଡଙ୍ଗା ସହ ସମ୍ପାଦକ ଏବଂ ଜେ. କୁରୁମା ରାଓ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଥିଲେ। ନବ ନିର୍ବାଚିତ କର୍ମକର୍ତ୍ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅଜିତ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ମହିଳାଙ୍କୁ ଅସଦାଚରଣ ମାମଲା

# ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ

ଦିଗପହଣ୍ଡି,୧୩।୯(ଡି.ଏନ.ଏ.)

ଦିଗପହଣ୍ଡି ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତର ମାଜିଷ୍ଟ୍ରେଟ ରଞ୍ଜନ କୁମାର ପ୍ରଧାନ ବୁଧବାର ମାମଲା ନଂ.ଜିଆର ୩୩୪/୧୨ର ଶୁଣାଣି କରି ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସେ ହେଲେ ଦିଗପହଣ୍ଡି ଥାନା ବଡ଼ଡୁମୁଳା ଗ୍ରାମର ଭୂଷଣ ଜେନା। ୨୦୧୨ ନଭେମ୍ବର ୧୦ରେ ଅଭିଯୁକ୍ତ ଜଣେ ମହିଳାଙ୍କୁ ଘରେ ପଶି ଅସଦାଚରଣ କରିଥିବା ଅଭିଯୋଗ ହୋଇଥିଲା। ୫ ଜଣ ସାକ୍ଷ୍ୟଙ୍କ ବୟାନକୁ ଭିତ୍ତିକରି ମାଜିଷ୍ଟ୍ରେଟ ଅଭିଯୁକ୍ତଙ୍କୁ ୧ ମାସ ସଶ୍ରମ କାରାଦଣ୍ଡ ଓ ୧ ହଜାର ଟଙ୍କା ଜରିମାନା ଆଦାୟ ପାଇଁ ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ୭ ଦିନ ଜେଲ ଦଣ୍ଡାଦେଶର ଶୁଣାଣି କରିଛନ୍ତି। ସରକାରଙ୍କ ପକ୍ଷରୁ ଏପିପି ନକୁଳ ପ୍ରଧାନ ମାମଲା ପରିଚାଳନା କରୁଥିଲେ।














2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ